

୮ମ ବର୍ଷ ● ୩ୟ ସଂଖ୍ୟା ● ନଭେମ୍ବର ୨୦୧୮

**ନୋବେଲ ପୁରସ୍କାର କଥା:** ନୋବେଲ ପୁରସ୍କାର-୨୦୧୮
**ଆମ ମତ:** ଦୀପାବଳିରେ ବାଣ ଫୁଟାଇବା ଆନନ୍ଦଦାୟକ ହେଲେ ବି ପରିବେଶ ପାଇଁ ମଙ୍ଗଳଦାୟକ କି ?
**ଆମର ଚାଚା ନେହରୁ:** ଶିଶୁଦିବସ ଓ ଚାଚା ନେହରୁ ଏମିତି ଥିଲେ ଆମରି ଚାଚା
**ଗପ :** ପ୍ରକୃତ ଧନୀ, ଚାଣ୍ଡାଳ ହେଲେ ବି ଗୁରୁ, ସାହାଯ୍ୟର ସୁଫଳ, ...
**କବିତା:** ବୃକ୍ଷ ଦେବତା, ଘଣ୍ଟା, ଗାଁ କଥା ମନେ ପଡ଼େ, ...
**ଏଥିସହିତ କୁନିକୁନାଙ୍କ ପାଠଶାଳା, ଖବର ଓ ଆହୁରି ଅନେକ ବିଭାଗ।**

### ଆମ ମତ:
ଚଳିତମାସ ଆମେ ପାଳନ କରୁଛୁ ଦୀପାବଳି ପର୍ବ। ଦୀପାବଳି ଅବସରରେ ବାଣ ଫୁଟାଇବା ଆନନ୍ଦଦାୟକ ହେଲେ ମଧ୍ୟ ପରିବେଶ ପାଇଁ ଏହା କେତେ ମଙ୍ଗଳ ଦାୟକ, ଏ ସଂପର୍କରେ ମତ ରଖିଛନ୍ତି ଆମ କୁନାକୁନିମାନେ।

### ନୋବେଲ ପୁରସ୍କାର କଥା: ନୋବେଲ ପୁରସ୍କାର-୨୦୧୮
**ପରିକଳ୍ପନା : ଇତି ସାମନ୍ତ, ଉପସ୍ଥାପନା: ଶରତ କୁମାର ନାୟକ**
ଚଳିତ ୨୦୧୮ ବର୍ଷ ପାଇଁ ଯେଉଁମାନେ ନୋବେଲ ପୁରସ୍କାର ବିଜେତା ହୋଇଛନ୍ତି, ସେମାନଙ୍କ ବିଷୟରେ ସବିଶେଷ ତଥ୍ୟ ରହିଛି, ଏହି ଲେଖାଟିରେ।

### ଆମର ଚାଚା ନେହେରୁ : ଶିଶୁ ଦିବସ ଓ ଚାଚା ନେହେରୁ
**ଉପସ୍ଥାପନା : ଅମ୍ରିତା ମହାନ୍ତି**
ପଣ୍ଡିତ ଜବାହରଲାଲ ନେହରୁଙ୍କ ସଂପର୍କରେ ଓ ଶିଶୁଦିବସ କେଉଁଠି କିପରି ପାଳନ କରାଯାଏ, ସେ ବିଷୟରେ ଅନେକ ତଥ୍ୟ ରହିଛି ଏହି ଲେଖାଟିରେ।

### ଆମର ଚାଚା ନେହରୁ: ଏମିତି ଥିଲେ ଆମରି ଚାଚା
**ଲେଖକ: ରବିନାରାୟଣ ସାହୁ**
ଚାଚା ନେହରୁଙ୍କ ଜୀବନୀରୁ ଏକ ବିଶେଷ ଘଟଣା ବର୍ଣ୍ଣିତ ହୋଇଛି ଏହି ଲେଖାଟିରେ।

### ସ୍ମରଣୀୟ ସ୍ରଷ୍ଟା: କାଳଜୟୀ ରଚନା
**ଆଲେଖ୍ୟ: ଇତି ଅପା**
ଚଳିତ ସଂଖ୍ୟାଠାରୁ ଆରମ୍ଭ ଏହି ନୂଆ ବିଭାଗରେ ସ୍ଥାନପାଇଛି, ସ୍ମରଣୀୟ ସ୍ରଷ୍ଟା ମଧୁସୂଦନ ରାଓଙ୍କ କାଳଜୟୀ କବିତା: 'ପୃଥିବୀ ପ୍ରତି'।

### କବିତା: ଆସ ଆମେ ଚେତିବା
**ଲେଖକ : ଶରତ କୁମାର ନାୟକ**
ଦୀପାବଳି ଅବସରରେ ବାଣ ନ ଫୁଟାଇ କେବଳ ଦୀପମାଳା ଜଳାଇବାର କଥା ଏହି କବିତାରେ ପ୍ରକାଶ କରାଯାଇଛି।

### କବିତା: ସବୁଠି ପାଇବ ଜୟ
**ଲେଖକ: ଦେବାଶିଷ ଚକ୍ରବର୍ତ୍ତୀ**
ଛୋଟ ଜୀବଟିଏ, ଗୁଣ୍ଡୁଚିକୁ ନେଇ ଏହି କବିତାଟି ରଚନା କରାଯାଇଛି।

### କବିତା: ବୃକ୍ଷଦେବତା
**କୁନି ଲେଖିକା: ସୋନାଲି ଶୁଭଦର୍ଶିନୀ**
ବୃକ୍ଷ କିପରି ମଣିଷ ପାଇଁ ଦେବତା, ତାହାହିଁ କବିତାରେ ବର୍ଣ୍ଣନା କରାଯାଇଛି।

**କବିତା: ଘଣ୍ଟା**

**ଆମ କୁନି ଲେଖିକା : ପୂଜାରାଣୀ ରଣା**

ଘଣ୍ଟା କିପରି ଆମକୁ ଠିକଣା ବାଟ ଦେଖାଏ, ତାହା ହିଁ ଏହି କବିତାର ବିଷୟବସ୍ତୁ।

**କବିତା: ଗାଁ କଥା ମନେ ପଡ଼େ**

**ଆମ କୁନି ଲେଖକ : ଅଂଶୁମାନ ସାହୁ**

ଗାଁର ବିଷୟ, ଏହି କବିତାରେ ରୂପାନ୍ତରିତ ହୋଇଛି।

**ଗପ: ପ୍ରକୃତ ଧନୀ**

**ଆମ କୁନି ଲେଖିକା: ଶୁଭଲକ୍ଷ୍ମୀ ସାମନ୍ତରାୟ**

ଦୁନିଆରେ ପ୍ରକୃତ ଧନୀ କିଏ, ତାହା ହିଁ ବିଷଦ ଭାବରେ ଏହି ଗପରେ କୁହାଯାଇଛି।

**ଗପ: ଚାଣ୍ଡାଳ ହେଲେ ବି ଗୁରୁ**

**ଆମ କୁନି ଲେଖିକା: ସୃଷ୍ଟିରେଖା ନାଉଡ଼ିଆ**

ଗୁରୁ ଜଣେ ଚାଣ୍ଡାଳ ହୋଇଥିବାରୁ, ଏହାକୁ ଲୁଚାଇବାକୁ ଯାଇ ଶିଷ୍ୟ କିପରି ଅସୁବିଧାରେ ପଡ଼ିଛି, ତାହାହିଁ ଗପଟିର ବିଷୟବସ୍ତୁ।

**ଗପ: ସାହାଯ୍ୟର ସୁଫଳ**

**ଆମ କୁନି ଲେଖିକା: ଶୁଭସ୍ମିତା ପ୍ରଧାନ**

ଜଣେ ଗରିବ ପିଲାକୁ ସାହାଯ୍ୟ କରିବାଦ୍ୱାରା ସମାଜ କିପରି ସୁଫଳ ପାଇଛି। ଏହି ଗପଟିରେ ତାହା ହିଁ କୁହାଯାଇଛି।

**ଗପ: ଅସୁନ୍ଦର ଗଛ**

**ଆମ କୁନି ଲେଖିକା: ତସଲିମା ସୁହାନୀ**

ନିଜ ରୂପକୁ ଖରାପ ନିନ୍ଦୁଥିବା ଗଛଟିଏ କିପରି ନିଜର ଭୁଲ୍ ବୁଝି ପାରିଛି, ଏହା ହିଁ ଗପର ବିଷୟବସ୍ତୁ।

**ଗପ: ସମୟର ମୂଲ୍ୟ**

**ଆମ କୁନି ଲେଖିକା: ଲକ୍ଷ୍ମୀପ୍ରିୟା ପତି**

ସମୟର ମୂଲ୍ୟକୁ ଠିକ୍ ନ ବୁଝିଲେ, ମଣିଷ କିପରି ହାଇରାଣ ହୁଏ, ତାହାହିଁ ଗପଟିରେ କୁହାଯାଇଛି।

**ଗପ: ରାମ ହେଲା ବୈଜ୍ଞାନିକ**

**ଆମ କୁନି ଲେଖିକା: ରେଣୁ୍ୱା ମହାପାତ୍ର**

ରାମ ଅସୁବିଧାରେ ପଡ଼ି ମଧ ଶେଷରେ ଜଣେ ବୈଜ୍ଞାନିକ ହୋଇପାରିଲା, ତାହାହିଁ ଗପର ବିଷୟବସ୍ତୁ।

**ଏସବୁ ବ୍ୟତୀତ ନିୟମିତ ବିଭାଗ ସ୍ଥାନିତ ହୋଇଛି :**

**ରାଜ୍ୟ ଖବର:**

ରାଜ୍ୟରେ ଉଦ୍‌ଘାଟନ ହେଲା 'କୃଷିଭବନ', ଚେନ୍ନଇରେ ହେଲା ଓଡ଼ିଶା ଭବନ ଓ କୋରାପୁଟରେ ହେବ ଆଲୁ ଚିପ୍‌ସ କାରଖାନା।

**ତୁମ ପାଇଁ ଖବର**

ସ୍ୱତନ୍ତ୍ର ସ୍କୁଲ ବ୍ୟାଗ୍, ହେଲମେଟ୍ ପିନ୍ଧି ବି ସ୍ମାର୍ଟଫୋନ୍‌ରେ ହୋଇପାରିବ ବାର୍ତ୍ତାଳାପ, ପରିବେଶ ଉପଯୋଗୀ ଦାନ୍ତଘଷା ବ୍ରସ, ଚନ୍ଦ୍ର ଭ୍ରମଣ ପାଇଁ ପ୍ରଥମ ପର୍ଯ୍ୟଟକ, ବିଶ୍ୱର ପ୍ରଥମ ହାଇଡ୍ରୋଜେନ୍ ରେଳ ଓ ୨୦୦ ବର୍ଷ ତଳେ ହୋଇଥିଲା ପ୍ରଥମ ରକ୍ତଦାନ।

**ଖେଳ ଖବର**

ଦୂତିଙ୍କ ଉପରେ ପ୍ରକାଶିତ ହେବ ଇଂରାଜୀ ପୁସ୍ତକ, ଚଳିତ ମାସରେ ହକି ବିଶ୍ୱକପ୍ ଓ ଏସିଆ କପ୍‌ରେ ସର୍ବାଧିକ ସଫଳତା ଭାରତ ନାଁରେ।

**ଚଳଚ୍ଚିତ୍ର ଖବର**

'ତୁ ମୋ ସୁନା ଚଢ଼େଇ', 'ଡୁପ୍ଲିକେଟ୍ ଭଗବାନ', 'ସାଥୀ ତୁ ଫେରିଆ', 'ଗୁଲାବ ଜାମୁନ', ମହାକାଶଚାରୀ ଭୂମିକାରେ ଅକ୍ଷୟ କୁମାର ଓ 'ବଙ୍ଗବନ୍ଧୁ' ବାୟୋପିକ୍।

**ନିୟମିତ ବିଭାଗ ସ୍ଥାନିତ ହୋଇଛି ଯଥା :**

**କେଦାର ପୃଷ୍ଟିଙ୍କ ପ୍ରସ୍ତୁତି 'କୁନିକୁନାଙ୍କ ପାଠଶାଳା-୫୬', ଶରତ କୁମାର ନାୟକଙ୍କ ରଚିତ 'କବିତା-ଧନ୍ଦା' ଓ ଅନ୍ୟାନ୍ୟ ଅନେକ ବିଭାଗ, ଯଥା: ଚିହ୍ନିଲ କିଏ ? କିଏ ଅଲଗା ?, ବାଟ ବତାଅ, ଜାଣିଛ କି ?, ପାର୍ଥକ୍ୟ ଖୋଜ, ଶବ୍ଦ-ଧନ୍ଦା, ତୁମ ତୂଳୀରୁ ଓ ରଙ୍ଗଦିଅ ଇତ୍ୟାଦି।**

■■■